ଧରିତ୍ରୀ
୨୦୧୭

ଭୁବନେଶ୍ୱର, ସୋମବାର, ୧୩ ଫେବୃୟାରୀ

# ୨୦୧୮ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ପାଠ୍ୟକ୍ରମ




ଆଇଆଇଟିର ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, (ବ୍ୟୁରୋ)/ଜଟଣୀ(ଡି.ଏନ୍.ଏ.)– ଦେଶର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ଆଇଆଇଟି ଶତପ୍ରତିଶତ ପ୍ରସ୍ତୁତ। ଶିକ୍ଷାଦାନଠାରୁ ଆରମ୍ଭ କରି ଗବେଷଣା ପର୍ଯ୍ୟନ୍ତ ସବୁଥିରେ ଏହି ଶିକ୍ଷାନୁଷ୍ଠାନ ଉତ୍କର୍ଷ ଲାଭ କରିବାକୁ ପ୍ରସ୍ତୁତ। କେନ୍ଦ୍ର ସରକାର ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୧୮୦କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ୩ବର୍ଷ ମଧ୍ୟରେ ଏହା ଆଇଆଇଟିର ଉନ୍ନତି ପାଇଁ ଖର୍ଚ୍ଚ ହେବ ବୋଲି ଏହାର ନିର୍ଦ୍ଦେଶକ ଆର.ଭି. ରାଜାକୁମାର କହିଛନ୍ତି। ରବିବାର ଆଇଆଇଟି ଭୁବନେଶ୍ୱରର ୯ମ ପ୍ରତିଷ୍ଠା ଦିବସ ଅବସରରେ ରାଜା କୁମାର ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ଆସନ୍ତା ୨୦୧୮ ଶିକ୍ଷାବର୍ଷଠାରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସ୍ନାତକୋତର ଖୋଲିବ। ଏବେ ୧୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ପାଠ ପଢୁଛନ୍ତି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିବ। ବାକି ରହିଥିବା ଭିତ୍ତିଭୂମି କାର୍ଯ୍ୟ ଆସନ୍ତା ୨୦୧୯ ସୁଦ୍ଧା ଶେଷ ହୋଇଯିବ। ସମାଜର ମଙ୍ଗଳ ଦିଗରେ ଆଇଆଇଟି ସବୁବେଳେ ସମର୍ପିତ ହୋଇରହିବ। ଆଇଆଇଟି ଭୁବନେଶ୍ୱରର ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଦକର ଫୋନ୍ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜାଭେଦକର କହିଥିଲେ, ବୈଷୟିକ ଶିକ୍ଷାକୁ କେନ୍ଦ୍ର ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବଜେଟ୍‌ରେ ଯଥେଷ୍ଟ ବ୍ୟୟବରାଦ କରାଯାଇଛି। ଗବେଷଣା ଭିତ୍ତିଭୂମିର ଉନ୍ନତିକୁ ଗୁରୁତ୍ୱ ଦିଆଯିବ। ନାଇଜରର ନିର୍ଦ୍ଦେଶକ ପ୍ରଫେସର ଭି. ଚନ୍ଦ୍ରଶେଖର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ପିଲାମାନେ ଆଇଆଇଟିରେ ପାଠପଢି ଦେଶର ବିକାଶରେ ସହାୟତା କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି

## ‘ଆଇଆଇଟି ଶତପ୍ରତିଶତ ପ୍ରସ୍ତୁତ’

ଭାବେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଟି ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଆମ୍ବାସାଡର ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ। ଡ. ଯୋଗେଶ୍ ଭୂମକାର, ମହିର ପଣ୍ଡିତ, ଅରିନ୍ଦମ ସରକାର, ଗୁରୁ କୁମକୁମ୍ ମହାନ୍ତିଙ୍କୁ ଶିକ୍ଷାଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଭି. ଚନ୍ଦ୍ରଶେଖର ପ୍ରତିଷ୍ଠା ଦିବସ ଅବସରରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ।